# NATIONAL NEWS BULLETIN (ODIA)

**21 September- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଦେଶବାସୀଙ୍କୁ ଆଜି ସଂଧ୍ୟା ୫ଟାରେ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ ।

- ଆସନ୍ତାକାଲିଠାରୁ ଅରୁଣାଚଳ ପ୍ରଦେଶ ଏବଂ ତ୍ରିପୁରାକୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ।

- ପ୍ରତିରକ୍ଷାମନ୍ତ୍ରୀଙ୍କ ଆଜିଠାରୁ ମରକ୍କୋ ଗସ୍ତ ଆରମ୍ଭ ।

- ପବିତ୍ର ମହାଳୟା ପର୍ବ ଅବସରରେ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ।

ଏବଂ

- ଏସିଆ କପ୍ କ୍ରିକେଟ୍‌ରେ ସୁପର-୪ ପର୍ଯ୍ୟାୟରେ ଆଜି ମୁହାଁମୁହିଁ ହେବେ ଭାରତ ଓ ପାକିସ୍ତାନ ।

# ପିଏମ୍ ଆଡ୍ରେସ୍

ପ୍ରଧାନମନ୍ତ୍ରୀ ଆଜି ସଂଧ୍ୟା ୫ଟା ସମୟରେ ଦେଶବାସୀଙ୍କୁ ସମ୍ବୋଧିତ କରିବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଅରୁଣାଚଳ ପ୍ରଦେଶ ଏବଂ ତ୍ରିପୁରା ଗସ୍ତ କରିବେ । ଗସ୍ତ ସମୟରେ ଶ୍ରୀ ମୋଦୀ ୫ହଜାର ୧୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ବହୁବିଧ ବିକାଶ ପ୍ରକଳ୍ପର ଉଦ୍‌ଘାଟନ କରିବେ । ଅରୁଣାଚଳ ପ୍ରଦେଶରେ ୩ହଜାର ୭୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ୨ଟି ପ୍ରମୁଖ ଜଳ ବିଦ୍ୟୁତ୍ ପ୍ରକଳ୍ପର ଶିଳାନ୍ୟାସ କରିବେ । ଏଥିରେ ଅରୁଣାଚଳ ପ୍ରଦେଶର ସିୟୋ ଅବବାହିକାରେ ୨୪୦ ମେଗାୱାଟ୍‌ର ହିଓ ଜଳବିଦ୍ୟୁତ୍ ପ୍ରକଳ୍ପ ଏବଂ ୧୮୬ ମେଗାୱାଟର ଟାଟୋ-୧ ଜଳ ବିଦ୍ୟୁତ୍ ପ୍ରକଳ୍ପ ଅନ୍ତର୍ଭୁକ୍ତ । ଶ୍ରୀ ମୋଦୀ ତୱାଙ୍ଗରେ ଏକ ଅତ୍ୟାଧୁନିକ ସମ୍ମିଳନୀ କେନ୍ଦ୍ରର ମଧ୍ୟ ଶିଳାନ୍ୟାସ କରିବେ । ସୀମାନ୍ତ ଜିଲ୍ଲା ତୱାଙ୍ଗରେ ୯ହଜାର ୮୨୦ଫୁଟ ଉଚ୍ଚତାରେ ଅବସ୍ଥିତ ଏହି କେନ୍ଦ୍ର ଜାତୀୟ ଏବଂ ଅନ୍ତର୍ଜାତୀୟ ସମ୍ମିଳନୀ, ସାଂସ୍କୃତିକ ମହୋତ୍ସବ ଏବଂ ପ୍ରଦର୍ଶନୀ ଆୟୋଜନ କରିବା ପାଇଁ ଏକ ଐତିହାସିକ ସୁବିଧା ଭାବେ କାର୍ଯ୍ୟ କରିବ । ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ, ଅଗ୍ନି ନିରାପତ୍ତା, ସଂଯୋଗୀକରଣ ଏବଂ କର୍ମଜୀବୀ ମହିଳା ଛାତ୍ରାବାସ ସମେତ ବିଭିନ୍ନ କ୍ଷେତ୍ରକୁ ସେବା ଯୋଗାଇବା ପାଇଁ

୧ ହଜାର ୨୯୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବହୁବିଧ ଭିତ୍ତିଭୂମି ପ୍ରକଳ୍ପ ମଧ୍ୟ ଆରମ୍ଭ କରିବେ । ଏହି ଅବସରରେ ଶ୍ରୀ ମୋଦୀ ଇଟାନଗରରେ ଏକ ସାଧାରଣ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ସହ ସ୍ଥାନୀୟ କରଦାତା, ବ୍ୟବସାୟୀ ଏବଂ ଶିଳ୍ପ ପ୍ରତିନିଧି ମାନଙ୍କ ସହିତ ସାଂପ୍ରତିକ ଜିଏସ୍‌ଟି ହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିବେ ।

ତ୍ରିପୁରାରେ ପ୍ରଧାନମନ୍ତ୍ରୀ ତୀର୍ଥକ୍ଷେତ୍ର ପୁର୍ନଉଦ୍ଧାର ଏବଂ ଆଧ୍ୟାତ୍ମିକ ଐତିହ୍ୟ ବୃଦ୍ଧି ଅଭିଯାନ ଯୋଜନା ଅଧୀନରେ ମାତାବାରିରେ ମାତା' ତ୍ରିପୁରା ସୁନ୍ଦରୀ ମନ୍ଦିର ବିକାଶ କାର୍ଯ୍ୟର ଉଦ୍‌ଘାଟନ କରିବେ । ଉପରୁ କଇଁଛ ପରି ଦୃଶ୍ୟମାନ ଏହି ପ୍ରକଳ୍ପରେ ମନ୍ଦିର ପରିସରରେ ଅନେକ ପରିବର୍ତ୍ତନ କରାଯାଇଛି । ନୂତନ ପଥ, ନବୀକରଣ ପ୍ରବେଶ ପଥ, ଜଳ ନିଷ୍କାସନ ବ୍ୟବସ୍ଥା, ତିନିମହଲା ବିଶିଷ୍ଟ ସଂକଳନ, ଧ୍ୟାନକକ୍ଷ, ଅତିଥି ଭବନ ଏବଂ କାର୍ଯ୍ୟାଳୟ ପକ୍ଷ ଇତ୍ୟାଦି ରହିଛି ।

## ରାଜନାଥ – ମରକୋ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆଜି ମରକ୍କୋକୁ ଏକ ସରକାରୀ ଗସ୍ତରେ ଯିବେ । ଉତ୍ତର ଆଫ୍ରିକୀୟ ରାଷ୍ଟ୍ରକୁ ପ୍ରତିରକ୍ଷା ମନ୍ତ୍ରୀଙ୍କର ଏହା ପ୍ରଥମ ଗସ୍ତ, ଯାହା ଭାରତ ଏବଂ ମରକ୍କୋ ମଧ୍ୟରେ ବର୍ଦ୍ଧିତ ରଣନୈତିକ ସମନ୍ୱୟକୁ ଗୁରୁତ୍ୱ ପ୍ରଦାନ କରିବ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସିଂହ କହିଛନ୍ତି ଏହି ଗସ୍ତ ସମୟରେ ସେ ତାଙ୍କ ମରକ୍କୋ ପ୍ରତିପକ୍ଷ

ଅବ୍‌ଦେଲ୍‌ଟିଫ୍ ଲୌଡିୟଙ୍କ ସହ ପ୍ରତିରକ୍ଷା, ରଣନୈତିକ ଏବଂ ଶିଳ୍ପ ସହଯୋଗକୁ ସୁଦୃଢ଼ କରିବା ପାଇଁ ଦ୍ୱିପାକ୍ଷିକ ବୈଠକ କରିବେ । ସେ ବେରେଚିରେ ଟାଟା ଆଡ୍‌ଭାନ୍ସଡ୍ ସିଷ୍ଟମ ମାରାକ୍କୋର ନୂତନ ଉତ୍ପାଦନ ସୁବିଧାର ଉଦ୍‌ଘାଟନରେ ଯୋଗଦେବେ । ଏହା ହେଉଛି ଆଫ୍ରିକାରେ ପ୍ରଥମ ଭାରତୀୟ ପ୍ରତିରକ୍ଷା ଉତ୍ପାଦନ ପ୍ଲାଣ୍ଟ । ଯାହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ । ଆତ୍ମନିର୍ଭାର ଭାରତ ପଦକ୍ଷେପ ଅଧୀନରେ ଭାରତର ପ୍ରତିରକ୍ଷା ଶିଳ୍ପର ବର୍ଦ୍ଧିତ ବିଶ୍ୱ ପଦଚିହ୍ନକୁ ପ୍ରତିଫଳିତ କରୁଛି । ଶ୍ରୀ ସିଂହ ଶିଳ୍ପ ସହଯୋଗ ପାଇଁ ମାର୍ଗ ଅନୁସନ୍ଧାନ କରିବା ପାଇଁ ମରକ୍କୋର ଶିଳ୍ପ ଏବଂ ବାଣିଜ୍ୟ ମନ୍ତ୍ରୀ ରିଆଡ୍ ମେଜରଙ୍କୁ ସାକ୍ଷାତ୍ କରିବେ । ମନ୍ତ୍ରୀ ତାଙ୍କ ଗସ୍ତ ସମୟରେ ରାବାଟ୍‌ରେ ଭାରତୀୟ ସମ୍ପ୍ରଦାୟ ସହିତ ମଧ୍ୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଉଭୟପକ୍ଷ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବାର ଆଶା କରାଯାଉଛି । ଏହି ବୁଝାମଣାପତ୍ର ଦ୍ୱିପାକ୍ଷିକ ପ୍ରତିରକ୍ଷା ସମ୍ପର୍କକୁ ବିସ୍ତାର ଏବଂ ଦୃଢ଼ୀଭୂତ କରିବା ପାଇଁ ଏକ ସଂସ୍ଥାଗତ ଢ଼ାଞ୍ଚା ପ୍ରଦାନ କରିବ, ଯେଉଁଥିରେ ଆଦାନ ପ୍ରଦାନ, ତାଲିମ ଏବଂ ଶିଳ୍ପ ସଂଯୋଗ ଆଦି ଅନ୍ତର୍ଭୁକ୍ତ ରହିଛି ।

## ଧର୍ମେନ୍ଦ୍ର ପ୍ରଧାନ ଆଇଆଇଟି

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ନୂତନ ଶିକ୍ଷାନୀତି ହେଉଛି ଆଜିର ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେବାରେ ସଫଳତାର ସୂତ୍ର । ଆଜି ଆଇଆଇଟି ଚେନ୍ନାଇରେ ଦକ୍ଷିଣପଥ ସମ୍ମିଳନୀକୁ ସମ୍ବୋଧିତ କରି ମନ୍ତ୍ରୀ କହିଛନ୍ତି ୨୦୪୭ ମସିହାରେ ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବା ପାଇଁ ସ୍କୁଲ ଶିକ୍ଷାରେ ଏକ ଆଦର୍ଶ ପରିବର୍ତ୍ତନ କରିବାକୁ ପଡିବ, ଯାହାଦ୍ୱାରା ଉଚ୍ଚମାଧ୍ୟମିକ ପାଠ୍ୟକ୍ରମ ସମାପ୍ତ କରିବା ପରେ ସ୍କୁଲରୁ ଡ୍ରପ୍‌ଆଉଟ୍ ହାର କମ୍ ହେବ । ମନ୍ତ୍ରୀ ସୂଚନା ଦେଇଛନ୍ତି ସ୍କୁଲ ଶିକ୍ଷାରେ ଦକ୍ଷତା ଦିଗ ଉପରେ ଧ୍ୟାନ ଦେବାକୁ ପଡିବ ଏବଂ ନୂତନ ଶିକ୍ଷାନୀତିରେ ଏଥିପାଇଁ ଷଷ୍ଠ ଶ୍ରେଣୀରୁ ଦକ୍ଷତା ଶିକ୍ଷା ବିଷୟକୁ କାର୍ଯ୍ୟକାରୀ କରାଯାଉଛି ।

## ନମୋ ଯୁବା ରନ୍

କେନ୍ଦ୍ର ଜଳଶକ୍ତି ରାଷ୍ଟ୍ର ମନ୍ତ୍ରୀ ରାଜଭୂଷଣ ଚୌଧୁରୀ ଏବଂ ବିଜେପି ସାଂସଦ ମନୋଜ ତିୱାରୀ ଆଜି ନୂଆଦିଲ୍ଲୀରେ ନମୋ ଯୁବ ଦୌଡ଼କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜାତୀୟ ରାଜଧାନୀର ହଜାର ହଜାର ଯୁବକଯୁବତୀ ଅଂଶଗ୍ରହଣ କରିଥିଲେ । ଭାରତୀୟ ଜନତା ଯୁବମୋର୍ଚ୍ଚା ଦ୍ୱାରା ଚାଲିଥିବା ସେବାପକ୍ଷର ଅଂଶ ଭାବେ ଆୟୋଜିତ ଏହି

ମାରାଥନର ଲକ୍ଷ୍ୟ ଥିଲା ନିଶାମୁକ୍ତ ଭାରତ ଗଠନର ସାମୁହିକ ମିଶନରେ ଦେଶର ଯୁବପୀଢ଼ିଙ୍କ ଶକ୍ତି ଏବଂ ଦୃଢ଼ ସଂକଳ୍ପକୁ ଉପଯୋଗ କରିବା ।

## ମହାଳୟା – ପିଏମ୍ ଏଚ୍ଏମ୍ ୱିସେସ୍

ଦେଶର ଆଜି ବିଭିନ୍ନ ସ୍ଥାନରେ ପବିତ୍ର ମହାଳୟା ପର୍ବ ପାଳନ କରାଯାଉଛି । ମହାଳୟା ପିତୃପକ୍ଷ ଶ୍ରାଦ୍ଧର ଶେଷ ଏବଂ ଦୁର୍ଗାପୂଜା ଉତ୍ସବର ଆରମ୍ଭକୁ ଚିହ୍ନିତ କରିଥାଏ । ମହାଳୟାକୁ ଦେବୀ ଦୁର୍ଗା ମହିଷାସୁରକୁ ପରାସ୍ତ କରିଥିବା ଦିନ ଭାବେ ବିବେଚନା କରାଯାଏ । ଏହିଦିନ ବଙ୍ଗାଳି ସଂପ୍ରଦାୟ ପାରମ୍ପରିକ ଭାବେ ସକାଳୁ ଉଠି ଶ୍ରୀ ଶ୍ରୀ ଚଣ୍ଡୀଙ୍କ ଶାସ୍ତ୍ରୀୟ ଶ୍ଳୋକରୁ ଚଣ୍ଡୀପାଠର ଏକ ଅଡିଓ ମଣ୍ଟେଜ୍ ‘ମହିଷାସୁର ମର୍ଦ୍ଦିନୀ’ ଶୁଣିବାକୁ ଯାଇଥାନ୍ତି । ତା’ପରେ ସେମାନେ ସେମାନଙ୍କର ପୂର୍ବ ପୁରୁଷଙ୍କୁ ଖାଦ୍ୟ ଏବଂ ଜଳ ଅର୍ପଣ କରିଥାନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶୁଭୋ ମହାଳୟା ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି ଦୁର୍ଗା ପୂଜାର ପବିତ୍ର ଦିନଗୁଡ଼ିକ ଆସିବା ସହିତ ଲୋକଙ୍କ ଜୀବନ ଆଲୋକ ଏବଂ ଉଦ୍ଦେଶ୍ୟରେ ପରିପୂର୍ଣ୍ଣ ହେବ । ମାଆ ଦୁର୍ଗାଙ୍କ ଦିବ୍ୟ ଆଶୀର୍ବାଦ ସମସ୍ତଙ୍କ ପାଇଁ ଶକ୍ତି, ଆନନ୍ଦ ଏବଂ ଉତ୍ତମ ସ୍ୱାସ୍ଥ୍ୟ ଆଣିବ ବୋଲି ସେ କାମନା କରିଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ତାଙ୍କ ବାର୍ତ୍ତାରେ ମାଆ ଦୁର୍ଗାଙ୍କ ଅସୀମ ସ୍ନେହ ପ୍ରତ୍ୟେକ ଘରେ ଆନନ୍ଦ, ଶକ୍ତି, ସମୃଦ୍ଧି ଏବଂ ଉତ୍ତମ ସ୍ୱାସ୍ଥ୍ୟର ଦିବ୍ୟ ଆଶୀର୍ବାଦ ବର୍ଷା କରୁ ବୋଲି କାମନା କରିଛନ୍ତି ।

# ସେବାପର୍ବ-ୟୁପିଆଇ ଇଭୋଲେସନ

**Seba Parba Opening**

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ଅହରହ ଉଦ୍ୟମ କରିଆସୁଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ମୋଦୀ ସରକାର କିଭଳି ୟୁପିଆଇ ବିପ୍ଳବର ନେତୃତ୍ୱ ନେବା ସହ ଡିଜିଟାଲ ପେମେଣ୍ଟକୁ ସମସ୍ତଙ୍କ ପାଇଁ ସୁଗମ, ସୁରକ୍ଷିତ ଏବଂ ସୁଲଭ କରିଛନ୍ତି । ଏ ସମ୍ପର୍କରେ ଏକ ରିପୋର୍ଟ...

**V/O**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ପରିଚାଳିତ ଏକ ବିରାଟ ପରିବର୍ତ୍ତନ ଦେଖିଛି । ଏହି ପରିବର୍ତ୍ତନର କେନ୍ଦ୍ରରେ ୟୁପିଆଇ ବା ଏକୀକୃତ ପେମେଣ୍ଟ ଇଣ୍ଟରଫେସ୍ ରହିଛି । ୨୦୧୬ରେ ଭାରତୀୟ ଜାତୀୟ ପେମେଣ୍ଟ ନିଗମ ଦ୍ୱାରା ଆରମ୍ଭ ହୋଇଥିବା ୟୁପିଆଇ ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଗୋଟିଏ ମୋବାଇଲ ଆପ୍ଲିକେଶନରେ ସଂଯୋଜିତ କରି ଦେଶର ପେମେଣ୍ଟ ଇକୋ ସିଷ୍ଟମରେ ବିପ୍ଳବ ଆଣିଛି । ଏହି ବ୍ୟବସ୍ଥା ସିଧାସଳଖ ପାଣ୍ଠି ସ୍ଥାନାନ୍ତର, ବାଣିଜ୍ୟିକ ପେମେଣ୍ଟ ଏବଂ ପିୟର ଟୁ ପିୟର କାରବାରକୁ ସକ୍ଷମ କରିଥାଏ । ଚଳିତବର୍ଷ ସ୍ୱାଧୀନତା ଦିବସ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁପିଆଇର ଶକ୍ତି ବିଷୟରେ କହିଥିଲେ ।

**V/O (PM)**

ଆଜି ୟୁପିଆଇର ପରିମାଣ ଉଲ୍ଲେଖନୀୟ । କେବଳ ଅଗଷ୍ଟ ମାସ ୨୦୨୫ରେ ୟୁପିଆଇ କାରବାର ୨୦ ବିଲିୟନ ଅତିକ୍ରମ କରିଛି ।

ଭାରତର ଡିଜିଟାଲ ପେମେଣ୍ଟ ବିପ୍ଳବ ଏବେ ଅନ୍ତର୍ଜାତୀୟ ସ୍ତରରେ ଗତିଶୀଳ ହୋଇଛି । ବର୍ତ୍ତମାନ ୟୁପିଆଇ' ସଂଯୁକ୍ତ ଆରବ ଏମିରେଟ୍ସ, ସିଙ୍ଗାପୁର, ଭୁଟାନ, ନେପାଳ, ଶ୍ରୀଲଙ୍କା, ଫ୍ରାନ୍ସ ଏବଂ ମରିସସ୍ ସମେତ ଦେଶଗୁଡ଼ିକରେ କାର୍ଯ୍ୟକ୍ଷମ ହେଉଛି । ବ୍ୟକ୍ତି ଏବଂ ବ୍ୟବସାୟ ଉଭୟଙ୍କ ପାଇଁ ସୁଗମ, ସୁରକ୍ଷିତ ଏବଂ ସୁଲଭ ପ୍ଲାଟଫର୍ମ ପ୍ରଦାନ କରି ୟୁପିଆଇ ଆର୍ଥିକ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଏବଂ ନଗଦବିହୀନ ଅର୍ଥନୀତି ଆଡକୁ ଦେଶର ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ମଳୟ ରଞ୍ଜନ ମିଶ୍ର

**Seba Parba Closing**

# କ୍ରିକେଟ

ଏସିଆ କପ୍ ଟି-ଟ୍ୱେଣ୍ଟି କ୍ରିକେଟ ପ୍ରତିଯୋଗିତାରେ ସୁପର-୪ ପର୍ଯ୍ୟାୟରେ ଆଜି ଦୁବାଇରେ ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ। ଭାରତୀୟ ସମୟ ରାତି ୮ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ। ଚଳିତ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟଥର ଲାଗି ଉଭୟ ଦେଶ ସାମ୍ନାସାମ୍ନି ହେବେ। ଗତ ସପ୍ତାହରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ଭାରତ ୭ ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା। ଆଜିର ମ୍ୟାଚ୍‌ରେ ବିଜୟୀ ଦଳ ଫାଇନାଲ ନିକଟବର୍ତ୍ତୀ ହେବ ବୋଲି ଜଣାପଡ଼ିଛି।

ଭାରତ ୨୧ ରନ୍‌ରେ ଓମାନ୍‌କୁ ପରାସ୍ତ କରି ସୁପର-୪ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବାବେଳେ ପାକିସ୍ତାନ ୪୧ ରନ୍‌ରେ ୟୁଏଇ'କୁ ପରାସ୍ତ କରି ସୁପର-୪ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି ।

ଗତ ସନ୍ଧ୍ୟାରେ ସୁପର-୪ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ବାଂଲାଦେଶ ୪ ଓ୍ୱିକେଟ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଛି । ୧୬୯ ରନ୍‌ର ପିଛା କରି ବାଂଲାଦେଶ ଗୋଟିଏ ବଲ୍ ବାକି ଥାଇ ୬ ଓ୍ୱିକେଟ୍‌ରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୭ ଓ୍ୱିକେଟ୍ ବିନିମୟରେ ୧୬୮ ରନ୍ ସ୍କୋର କରିଥିଲା । ଏ ପର୍ଯ୍ୟନ୍ତ ଏସିଆ କପ୍ କ୍ରିକେଟ ଭାରତ ୮ଥର ଟାଇଟଲ ହାସଲ କରିଥିବାବେଳେ ଶ୍ରୀଲଙ୍କା ୬ ଥର ଓ ପାକିସ୍ତାନ ୨ ଥର ଟାଇଟଲ ହାସଲ କରିଛି ।